## ବେଆଇନ ଚାନ୍ଦା ମାଗି ୨ ଗିରଫ

ବାଙ୍ଗିରିପୋଷି,(ଡି.ଏନ.ଏ.): ବେଆଇନ ଚାନ୍ଦା ଆଦାୟ ଅଭିଯୋଗରେ ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଖଡ଼ିଆଶୋଳ ଗ୍ରାମର ବିଜୟ ନାଏକ ଓ ଯୁନା ଗ୍ରାମର ଗଣେଶ୍ୱର ନାଏକ। ବାଙ୍ଗିରିପୋଷି ଥାନା ଅଞ୍ଚଳରେ ଥିବା ଏକ କ୍ରଶର କମ୍ପାନୀରୁ ପଥର ବୋଝେଇ ହୋଇ ଅନ୍ୟ ସ୍ଥାନକୁ ଯାଉଥିବା ଏକ ଟ୍ରକକୁ ଅଟକାଇ ଉଭୟ ଚାନ୍ଦା ମାଗିବା ସହ ଗାଡ଼ିକୁ ପଥର ମାରିଥିଲେ। ଏନେଇ କମ୍ପାନୀର ମ୍ୟାନେଜର ହରେକୃଷ୍ଣ ପାଲ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୦୬/୨୧) ରୁଜୁ କରି ତଦନ୍ତ ଚଳାଇଥିଲା।

## ସଂକ୍ଷେପରେ

### ସୁସ୍ଥ ହୋଇ ଫେରିଲେ ମୟୂରଭଞ୍ଜ ଏମ୍‌ପି

ବାରିପଦା ଅଫିସ,୧୦।୫: ମୟୂରଭଞ୍ଜ ଏମ୍‌ପି ତଥା ବିଜେପି ରାଷ୍ଟ୍ରୀୟ ସମ୍ପାଦକ ଇଂ. ବିଶ୍ୱେଶ୍ୱର ଟୁଡୁ ଶନିବାର ସୁସ୍ଥ ହୋଇ ବାରିପଦା ଫେରିଛନ୍ତି। ପଶ୍ଚିମବଙ୍ଗ ନିର୍ବାଚନ ପ୍ରଚାର ସାରି ଫେରିବା ପରେ ଗତ ଏପ୍ରିଲ ୨୧ ତାରିଖ ସକାଳେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ପରେ ତାଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ବିଶେଷଜ୍ଞ ଡାକ୍ତରମାନଙ୍କ ତତ୍ତ୍ୱାବଧାନରେ ଚିକିତ୍ସିତ ହୋଇ ସୁସ୍ଥ ହେବା ପରେ ସେ ବାରିପଦା ଫେରିଛନ୍ତି।

### ବିଧାୟକ ପ୍ରଫୁଲ୍ଲ ସାମଲ କରୋନା ସଂକ୍ରମିତ

ଭଦ୍ରକ ଅଫିସ,୧୦।୫: ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ କରୋନା ସଂକ୍ରମିତ ହୋଇଛନ୍ତି। ସେ ଏବେ ଭୁବନେଶ୍ୱରସ୍ଥିତ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଭୁବନେଶ୍ୱର ପଳାସପଲ୍ଲୀ ସ୍ଥିତ ବାସଭବନରେ କିଛିଦିନ



ତଳେ ସେ ଅସୁସ୍ଥତା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ପଜିଟିଭ୍ ଥିବା ଜଣାପଡ଼ିବା ପରେ ତାଙ୍କୁ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ତାଙ୍କ ପୁଅ ପ୍ରୟାସକାନ୍ତି ସାମଲ ସୂଚନା ଦେଇଛନ୍ତି। ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ସେ ଜଣାଇଛନ୍ତି। ତେବେ ତାଙ୍କ ଆଶୁ ଆରୋଗ୍ୟ କାମନା କରି ଭଣ୍ଡାରିପୋଖରୀ ସମେତ ଭଦ୍ରକର ବିଭିନ୍ନ ଅଞ୍ଚଳରେ ମନ୍ଦିରରେ ଦୀପଦାନ କରାଯାଇଛି।

### ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

ବାଲିଆପାଳ, ୧୦।୫(ସ୍ୱ.ପ୍ର.): ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅଧୀନ ତାପୁଣ୍ଡିଆ ଗାଁରେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୋବାଇଲ ପାଇଁ ସାମାନ୍ୟ ବଚସାରୁ ନବବଧୂ ଆତ୍ମହତ୍ୟା କରିଥିବା ଶାଶୁ ଘର ଲୋକେ ଥାନାକୁ ଜଣାଇଛନ୍ତି।

ଶାଶୁ ଘର ଲୋକଙ୍କ ସୂଚନା ଅନୁଯାୟୀ, ଗତ ଫେବୃୟାରୀରେ ତାପୁଣ୍ଡିଆ ଗ୍ରାମର ଗୌତମ ପ୍ରଧାନ ଜଗତସିଂହପୁର ଜିଲା ତାଳଦଣ୍ଡା ଗାଁର ବେବିନାଙ୍କୁ ପ୍ରେମ ବିବାହ କରିଥିଲେ। ପରେ ଘର ଲୋକ ମଧ ଏ ସ୍ୱୀକୃତି ଦେଇଥିଲେ। ବିବାହ ପରେ ବେବିନା ସ୍ୱାମୀ ଘରେ ସପରିବାର ସହିତ ଖୁସିରେ ରହୁଥିଲେ। ବେବିନା ଗତ ରବିବାର ଖରାପ ହୋଇଥିବା ମୋବାଇଲକୁ ମରାମତି କରିବା ପାଇଁ ସ୍ୱାମୀଙ୍କ ପାଖରେ ଜିଦ୍ କରିଥିଲେ। ମାତ୍ର ଶଟଡାଉନ୍ ପାଇଁ ଦୋକାନ ଖୋଲା ନ ଥିବା ଓ ପାଖରେ ଟଙ୍କା ହେଲେ ନୂଆ ମୋବାଇଲ କିଣି ଦେବେ ବୋଲି ସ୍ୱାମୀ ଗୌତମ କହିଥିଲେ। ମାତ୍ର ବେବିନା ତାଙ୍କ ଜିଦ୍‌ରେ ଅଟଳ ଥିଲେ। ରାତି ପ୍ରାୟ ୨ଟା ବେଳେ ବେବିନା ଶାଢ଼ୀରେ ଫାଶି ଲଗାଇଥିବା ଦେଖି ଗୌତମ ପରିବାର ଲୋକଙ୍କ ସହାୟତାରେ ଶାଢ଼ୀ ଖୋଲି ଦେଇଥିଲେ। ସେତେବେଳକୁ ବେବିନାଙ୍କ ମୃତ୍ୟୁ ହୋଇଯାଇଥିଲା ବୋଲି ଗୌତମ ପୋଲିସ ଆଗରେ ପ୍ରକାଶ କରିଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି। ଦୂର ରାସ୍ତା ଏବଂ ଲକଡାଉନ୍ ପାଇଁ ବେବିନାଙ୍କ ବାପଘର ଲୋକେ ଘଟଣାସ୍ଥଳରେ ପହଞ୍ଚି ନାହାନ୍ତି। ବାଲିଆପାଳ ପୋଲିସ ଶ୍ୱଶୁର ଘର ସୂଚନା ଅନୁସାରେ ତଦନ୍ତ ଜାରି ରଖିଛି।

# ସଙ୍କଟରେ କୌଳିକ ବୃତ୍ତି

କେନ୍ଦୁଝର, ୧୦।୫ (ସ୍ୱ.ପ୍ର.)



ଜଣେ କୁମ୍ଭକାର ମାଟିରେ ସାମଗ୍ରୀ ଗଢୁଛନ୍ତି।

ମାଟି ସହିତ ମଣିଷର ସମ୍ପର୍କ ଅତି ନିବିଡ଼। ଏଥିରୁ ଅନେକ ଜୀବନଜୀବିକା ନିର୍ବାହ କରିଆସୁଛନ୍ତି । ଏଭଳି ମାଟିରୁ ଜୀବିକା ନିର୍ବାହ କରି ବହୁ କାଳରୁ ବଞ୍ଚିଆସୁଥିବା ସମ୍ପ୍ରଦାୟ ହେଉଛନ୍ତି କୁମ୍ଭକାର ବା କୁମ୍ଭାର। ମାଟିରୁ ହାଣ୍ଡି, ମାଠିଆ, ସୁରେଇ, ପଲମ, ସାରୁଆ, ବଇଠା, ଧୂପଦାନୀ, ଫୁଲକୁଣ୍ଡ ଆଦି ଗଢ଼ି ନିଜେ ବ୍ୟବହାର କରିବା ସହ ବିକି ଜୀବିକା ନିର୍ବାହ କରିଥାନ୍ତି।

ଶହଶହ ବର୍ଷ ଧରି କୌଳିକ ବୃତ୍ତିରେ ନିୟୋଜିତ କୁମ୍ଭାରମାନେ ଆଜିର ଆଧୁନିକ ଏବଂ ବୈଜ୍ଞାନିକ ଯୁଗରେ ଅଲୋଡ଼ା ପାଲଟି ଗଲେଣି। ସମୟର ପରିବର୍ତ୍ତନ ସହ ମଣିଷ ଚଳଣିର ପରିବର୍ତ୍ତନ ଘଟି ମାଟି ସାମଗ୍ରୀ ପରିବର୍ତ୍ତେ ପ୍ଲାଷ୍ଟିକ, ଲୁହା, ତମ୍ବା, ଆଲୁମିନିୟମ, ଟିଣ ସାମଗ୍ରୀର ବୃଦ୍ଧି ଘଟିଛି। କେନ୍ଦୁଝର ଜିଲା ସଦର ବ୍ଲକର ସତୀକୁଦର, ଭେଜଡିହି, ତରମାକାନ୍ତ, ପାଟଣା ବ୍ଲକର ଜାମନାଳିଆ, ସାହାରପଡାର ବଳାଣିପଶି, ମହାଦେବପୁର, ଚୁକୁଡିହା, କୁତୁଗାଁ ଆଦି ଗ୍ରାମର କୁମ୍ଭାର ଲୋକେ ଏହି ବୃତ୍ତିରେ ନିୟୋଜିତ ରହି ଭଲ ରୋଜଗାର କରୁଥିଲେ। ମାତ୍ର ବଜାର ଚାହିଦା ହ୍ରାସ, ଜାଳେଣୀ କାଠର ଅଭାବ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ସେମାନଙ୍କୁ ପ୍ରଭାବିତ କଲା ଓ ଉପଯୁକ୍ତ ପାରିଶ୍ରମିକ ମିଳୁ ନ ଥିବାରୁ ଅନେକ ଲୋକ ଏହି ବେଉଷାକୁ ଛାଡ଼ିବାରେ ଲାଗିଲେଣି। ଏବେ କରୋନା ମହାମାରୀ ସେମାନଙ୍କ ଜୀବିକାକୁ ଦୋହଲାଇ ଦେଇଛି।

ହାଣ୍ଡି ମାଠିଆ ପାତ୍ର ନିର୍ମାଣ କାର୍ଯ୍ୟ ଅତି କଷ୍ଟଦାୟକ କାମ ଅଟେ । ପ୍ରଥମେ ଜମିରୁ ଭଲ ମାଟି ସଂଗ୍ରହ କରି ଭଲ ଭାବରେ ୩/୪ଦିନ ଧରି ଚକଟି କୁମ୍ଭାର ଚକରେ ଦିଆଯାଇ ବିଭିନ୍ନ ଆକୃତିରେ ଗଢ଼ାଯାଇଥାଏ। ଏହାକୁ ଖରାରେ ଅଳ୍ପ ଶୁଖାଯାଇ ଧୀରେଧୀରେ ଏକ କାଠ ପିଠିଣାରେ ବାଡ଼ାଇ ଠିକ ମାଟି ପାତ୍ରର ରୂପ ଦେଲା ପରେ ତାକୁ ଭାଟିରେ ନିଆଁ ମାଧ୍ୟମରେ ପୋଡ଼ା ଯାଇଥାଏ। ଏହାପରେ ଭାଙ୍ଗି ନ ଯିବା ଭଳି ସତର୍କତା ନେଇ ବଜାରକୁ ବିକ୍ରି ପାଇଁ ନିଆଯାଇଥାଏ । ଏତେ କଷ୍ଟ ସତ୍ତ୍ୱେ ମଧ ମାଟି ପାତ୍ର ପ୍ରତି ଖାଉଟିଙ୍କ ପୂର୍ବଭଳି ଆକର୍ଷଣ ନାହିଁ । ଆଉ ଗାଁ ଗହଳିରେ କେହି ମାଟି ହାଣ୍ଡିରେ ରୋଷେଇ କିମ୍ବା ଖାଉ ନାହାନ୍ତି। ଗାଁରେ ୧୦୦ ପ୍ରତିଶତ ଲୋକେ ମାଠିଆରେ ପାଣି ରଖୁଥିଲେ ,ପୂଜା ପାର୍ବଣରେ ମାଟିର କଳସ ବ୍ୟବହାର କରୁଥିଲେ କିନ୍ତୁ ଏବେ ତମ୍ବା,ପିତଳ,କଂସା କଳସ ବ୍ୟବହାର କରାଯାଉଛି । ଏଥି ଯୋଗୁଁ ଭୁଶୁଡ଼ି ପଡୁଛି କୁମ୍ଭାରଙ୍କ କୌଳିକ ବୃତ୍ତି । ଗ୍ରାମାଞ୍ଚଳର ଅନେକ କୁମ୍ଭାରମାନେ ଏହି ବୃତ୍ତି ଛାଡ଼ି ଅନ୍ୟ ଚାଷ ଜମିରେ ମୂଲ ଲାଗିଲେଣି ତ ଆଉ କେହି କେହି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଗଲେଣି। ମାଟି ସାମଗ୍ରୀ ଲୋପ ପାଇବାକୁ ବସିଛି । ଏବେ ଏହି ମାଟିର ସାମଗ୍ରୀକୁ ଟେରାକୋଟା ଶୈଳୀରେ ପ୍ରସ୍ତୁତ କରି ପୂର୍ବ ଚାହିଦା ଫେରାଇ ଆଣିବାର ଉଦ୍ୟମ କରାଯାଉଥିଲେ ହେଁ ଉପଯୁକ୍ତ ତାଲିମ ଓ ପ୍ରୋତ୍ସାହନ ମିଳୁ ନ ଥିବାରୁ ଅନେକ ଏହାର ସୁବିଧା ଉଠାଇପାରିନାହାନ୍ତି ବୋଲି ଟେରାକୋଟା ଶିଳ୍ପୀ ଗୌରଚନ୍ଦ୍ର ବେହେରା କହିଛନ୍ତି।

# କରୋନା ଟିକା, ରାଶନକାର୍ଡ ଯୋଗାଇବାକୁ ଦାବି

ବାଲିଆପାଳ, ୧୦।୫(ସ୍ୱ.ପ୍ର.)

ବାଲିଆପାଳ ବ୍ଲକରେ ଟିକାକରଣରେ ଅନିୟମିତତାକୁ ବନ୍ଦ କରି ସମସ୍ତଙ୍କୁ କରୋନା ଟିକା ଏବଂ କରୋନା ସମୟରେ ସମସ୍ତ ଗରିବଙ୍କୁ ରାଶନ କାର୍ଡ଼ ପ୍ରଦାନ କରାଯାଇ ରାଶନ ଯୋଗାଇବାକୁ ବାଲିଆପାଳ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜନ ନାୟକ କଂଗ୍ରେସ ଦଳ ପକ୍ଷରୁ ସୋମବାର ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ସରକାରଙ୍କଠାରେ ଦାବି କରିଛନ୍ତି। ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀଙ୍କ ସହିତ ଅନ୍ୟ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କୁ ମିଶାଇ ବ୍ଲକର ପଜିଟିଭ୍ ସଂଖ୍ୟା ୫ଶହ ଟପିବାକୁ ବସିଲାଣି। କରୋନା ପଜିଟିଭ୍ ହେବା ପରେ ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀମାନେ ନିଜ ନିଜ ଘରେ ହୋମ୍ ଆଇସୋଲେସନ୍‌ରେ ରହୁଛନ୍ତି। ମାତ୍ର ବିଦେଶ ଫେରନ୍ତା ପ୍ରବାସୀଙ୍କ ସହିତ ପଶ୍ଚିମବଙ୍ଗର ଟ୍ରିପଲ୍ ମ୍ୟୁଟାଣ୍ଟ ଭୂତାଣୁ ବାଲିଆପାଳ ଅଞ୍ଚଳକୁ ସମ୍ବେଦନଶୀଳ କରିଦେଇଛି। ଏହାଛଡ଼ା ଦିଲ୍ଲୀ, ବମ୍ବେ, ତେଲେଙ୍ଗାନା, ହାଇଦ୍ରାବାଦରୁ ଓଡ଼ିଆ ପ୍ରବାସୀମାନେ ପଶ୍ଚିମବଙ୍ଗର ଗଳା ବାଟଦେଇ ଗାଁକୁ ଫେରୁଛନ୍ତି। ସେମାନଙ୍କ ଭିତରୁ କେତେକ କରୋନା ସଂକ୍ରମିତ ହୋଇ ଫେରୁଛନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ବେଳେ ଉକ୍ତ ବିଷୟରେ ପଚାରିଲେ ବିଭାଗୀୟ ଅଧିକାରୀମାନେ ସଙ୍ଗରୋଧରେ ରହିବା ପାଇଁ ପରାମର୍ଶ ଦେଉଛନ୍ତି। ଘରେ ସଙ୍ଗରୋଧରେ ରହିବାକୁ ହେଲେ ସ୍ୱତନ୍ତ୍ର ରୁମ୍ ଏବଂ ସ୍ୱତନ୍ତ୍ର ପାଇଖାନା ଆବଶ୍ୟକ। ଏସବୁ ସୁବିଧା ଗାଁ ଗହଳିରେ ନ ଥିବାରୁ ଗୋଟିଏ ଘରେ ରହି ସଂକ୍ରମଣ ବଢାଉଛନ୍ତି। ଏହାଛଡ଼ା ଗତବର୍ଷ ସରକାର କରୋନା ସମୟରେ ସମସ୍ତଙ୍କୁ ରାଶନ ଯୋଗାଇ ଦେବେ ବୋଲି ଘୋଷଣା କରିଥିଲେ। ମାତ୍ର ଯେଉଁମାନଙ୍କର ରାଶନ କାର୍ଡ଼ ରହିଛି ସେମାନେ ସରକାରଙ୍କର ସୁବିଧା ପାଇଥିବା ବେଳେ ଯେଉଁ ଗରିବମାନଙ୍କ ପାଖରେ ରାଶନ କାର୍ଡ଼ ନାହିଁ ସେମାନେ ଏହି ସୁବିଧା ପାଇବାରୁ ବଞ୍ଚିତ ହୋଇଥିଲେ। ସେଥିପାଇଁ ଜିଲାପାଳ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ନାୟକ ଦାବି କରିଛନ୍ତି।

## କ୍ଷତିପୂରଣ ଦାବିରେ ପରିବାର ଲୋକଙ୍କ ଧାରଣା

ସଜନାଗଡ଼, ୧୦।୫(ଡି.ଏନ.ଏ.)

**ଖୁଣ୍ଟରୁ ପଡ଼ି ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବରହମ୍ପୁର ଥାନା ଅଧୀନ ରାଢ଼ୋଠାରେ ବିଦ୍ୟୁତ୍ ଖୁଣ୍ଟରେ ଚଢି ମରାମତି କରୁଥିବା ଜଣେ କର୍ମଚାରୀ ତଳକୁ ଖସି ପଡିବାରୁ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ପରିବାର ଲୋକେ ବରହମପୁର ଷ୍ଟକଚର ଆଗରେ ମୃତଦେହ ରଖି କ୍ଷତିପୂରଣ ଦାବି କରିଛନ୍ତି।

ଇଷାନେଣ୍ଡି ଗ୍ରାମର ସୁଶାନ୍ତ ସ (୪୨) ବରହମପୁର ବିଦ୍ୟୁତ୍ ବିଭାଗରେ ଅସ୍ଥାୟୀ ପିଅନ ଭାବେ କାର୍ଯ୍ୟ କରି ଆସୁଥିଲେ। ସେ ୩୩କେଭି ଲାଇନ କାଟି ଖୁଣ୍ଟରେ ଚଢ଼ି ମରାମତିକରୁଥିବା ବେଳେ ମୁଣ୍ଡ ବୁଲାଇବାରୁ ସେ ତଳେ ପଡ଼ି ଗୁରୁତର ହୋଇଥିଲେ । ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦଳା ମେଡ଼ିକାଲ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କାହା ନିର୍ଦ୍ଦେଶରେ ପିଅନ ଖୁଣ୍ଟରେ ଚଢି ମରାମତି କରୁଥିଲେ, ବିଭାଗ ପକ୍ଷରୁ ହେଲମେଟ, ଗ୍ଲୋଭସ କାହିଁକି ଦିଆଯାଇ ନ ଥିଲା ତାହା ସାଧାରଣରେ ପ୍ରଶ୍ନ ଉଠୁଛି।

## ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲେ ଆନ୍ଦୋଳନ

ଭଦ୍ରକ ଅଫିସ,୧୦।୫

ଭଦ୍ରକ ଜିଲା ବନ୍ତ ବ୍ଲକ ନିଲୋକ ଅଞ୍ଚଳର ଜନୈକା ବଳାତ୍କାର ପୀଡ଼ିତାଙ୍କୁ ନ୍ୟାୟ ନ ମିଳିଲେ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଭାଜପା ଚେତାବନୀ ଦେଇଛି। ଏ ନେଇ ସୋମବାର ଏକ ପ୍ରତିନିଧି ଦଳ ବନ୍ତ ଥାନାଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। ପ୍ରତିନିଧି ଦଳରେ ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରି ନାରାୟଣ ଧଳ, ଜିଲା ଉପସଭାପତି ପଙ୍କଜିନୀ ଲେଙ୍କା, ଆଇନଜୀବୀ ବନମାଳି ଜେନା, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ହରପ୍ରିୟା ସାହୁ, ବିଷ୍ଣୁପ୍ରିୟା ଲେଙ୍କା, ସ୍ୱର୍ଣ୍ଣଲତା ମିଶ୍ର ପ୍ରମୁଖ ସାମିଲ ଥିଲେ। ଏଥିସହ ପୀଡ଼ିତାଙ୍କ ବାପା, ମା’ ଓ ସାନବାପା ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ପୀଡ଼ିତା ବନ୍ତ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଥିଲା। କିନ୍ତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଳମ୍ବ କରୁଥିବା ଅଭିଯୋଗ ନେଇ ପୀଡ଼ିତା ଗତ ଏପ୍ରିଲ ୨୯ରେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଏସ୍‌ପି ବନ୍ତ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ୧୦ ଦିନ ବିତିଯାଇଥିଲେ ମଧ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ନାହିଁ। ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ସପ୍ତାହାନ୍ତ ଶଟ୍‌ଡାଉନ ପରେ ହାଟରେ ଗହଳି



ଜଳେଶ୍ୱର, ୧୦।୫(ଡି.ଏନ.ଏ.)

କରୋନା ସଂକ୍ରମଣ ରୋକିବା ଲାଗି ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ୧୪ ଦିନିଆ ଲକଡାଉନ ଘୋଷଣାର ୬ଷ୍ଠ ଦିନରେ ବାଲେଶ୍ୱର ଜିଲାର ଜଳେଶ୍ୱର ସାପ୍ତାହିକ ହାଟରେ ନାହିଁ ନ ଥିବା ଭିଡ ପରିଲକ୍ଷିତ ହୋଇଛି । ୨ଦିନ ସପ୍ତାହାନ୍ତ ଶଟ୍‌ଡାଉନ ପରେ ହଜାର ହଜାର ପଶ୍ଚିମବଙ୍ଗ ଓ ଓଡିଶାର ଲୋକେ ଏହି ହାଟକୁ ଆସି ସାମାଜିକ ଦୂରତ୍ୱକୁ ଭୁଲି ଯାଇଛନ୍ତି। ପଶ୍ଚିମବଙ୍ଗର ଦାନ୍ତୁନ, ମୋହନପୁର, ନୟାଗ୍ରାମ, ବେଲଦା ଥାନା ଅଞ୍ଚଳରୁ ବହୁ ଲୋକ ଓ ବ୍ୟବସାୟୀମାନେ ଏଠାକୁ ଆସିଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇପଡିଥିଲେ। ଜଳେଶ୍ୱର ଅଞ୍ଚଳରେ କଟକଣା କଡାକଡି କରିବାକୁ ଦାବି ହୋଇଛି।

# ଜିଲାରେ ୨୭, ୩୩୧ ଚାଷୀ ପଞ୍ଜୀକୃତ



ଅମର୍ଦ୍ଦାରୋଡ ସୋସାଇଟିରେ ରବି ଧାନ କିଣା ଆରମ୍ଭ କରାଯାଉଛି।

ବାଲେଶ୍ୱର ଅଫିସ, ୧୦।୫

**ରବି ଧାନ କିଣା ଆରମ୍ଭ**

ବାଲେଶ୍ୱର ଜିଲାରେ ଚଳିତବର୍ଷ ସୋମବାରଠାରୁ ଆରମ୍ଭ ହୋଇଛି ରବି ଧାନ କିଣା। ବସ୍ତା ବ୍ଲକ ଅଧୀନ ଅମର୍ଦ୍ଦାରୋଡ ସୋସାଇଟିରେ ପ୍ରଥମ କରି ଧାନ କିଣା ଆରମ୍ଭ ହୋଇଛି। କୋଭିଡ୍ ନିୟମ ଅନୁସାରେ ସୋସାଇଟି ସମ୍ପାଦକ ନିରଞ୍ଜନ ପାତ୍ର ପୂଜାର୍ଚ୍ଚନା କରି ପ୍ରଥମ ଦିନରେ ୩ଜଣ ଚାଷୀଙ୍କଠାରୁ ୧୦୨ କୁଇଣ୍ଟାଲ ୭୫କେଜି ଧାନ କିଣିଛନ୍ତି।

ଚଳିତବର୍ଷ ରବି ଧାନ ବିକ୍ରି କରିବା ପାଇଁ ଜିଲାରେ ୨୭ହଜାର ୩୩୧ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଜିଲାସ୍ତରରେ ଧାନ କ୍ରୟ ବୈଠକରେ ନିଷ୍ପତ୍ତି ଏବଂ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶ ଅନୁସାରେ ଚଳିତବର୍ଷ ମେ’ ୧୦ରୁ ଆରମ୍ଭ କରି ଜୁନ୍ ୩୦ ପର୍ଯ୍ୟନ୍ତ ଧାନ କିଣା କାର୍ଯ୍ୟକ୍ରମ ଜାରି ରହିବ। ପ୍ରଥମ ପର୍ଯ୍ୟାୟରେ ଯୋଗାଣ ବିଭାଗ ଜିଲାକୁ ୨ଲକ୍ଷ ୨୦ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ୍ ଦେଇଛନ୍ତି। ସମସ୍ତ ଚାଷୀ ଟୋକନ୍ ପାଇବାର ୧୨ଦିନ ଭିତରେ ସୋସାଇଟି କିମ୍ବା ମଣ୍ଡିକୁ ଧାନ ଆଣିବେ। ୩ଦିନ ମଧ୍ୟରେ ସମସ୍ତ କାଗଜପତ୍ର କାର୍ଯ୍ୟ ଶେଷ କରି ଚାଷୀଙ୍କଠାରୁ ବିଭାଗୀୟ ଅଧିକାରୀମାନେ ଧାନ କିଣିବେ ବୋଲି ନିର୍ଦ୍ଧାରିତ ହୋଇଛି। ଧାନକିଣାକୁ ଜିଲା ଯୋଗାଣ ବିଭାଗ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟ ଏବଂ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ୧୦୯ଟି ସୋସାଇଟିରେ ଧାନ କିଣା କାର୍ଯ୍ୟ ଜାରି ରହିବ ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି।

## ଚାରାରୋପଣରେ ଦୁର୍ନୀତି ଅଭିଯୋଗ ଆଣିଲା ଭଞ୍ଜସେନା

ବାରିପଦା ଅଫିସ, ୧୦।୫

ମୟୂରଭଞ୍ଜ ଜିଲାରେ ଚାରାରୋପଣ କ୍ଷେତ୍ରରେ ବ୍ୟାପକ ଦୁର୍ନୀତି ହୋଇଥିବା ଭଞ୍ଜସେନା ଅଭିଯୋଗ କରିଛି। ଏକ ଉଚ୍ଚସ୍ତରୀୟ ତଦନ୍ତକାରୀ କମିଟି ଗଠନ କରି ଏହି ଦୁର୍ନୀତିର ପର୍ଦ୍ଦାଫାସ ସହ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକପତ୍ର ଜରିଆରେ ଜଣାଇଛନ୍ତି। ମହାମାରୀ କରୋନା ସମୟରେ ଜନଜୀବନ ଅସ୍ତବ୍ୟସ୍ତ ଥିବାବେଳେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଦ୍ୱାରା ଜିଲାରେ ଉଦ୍ୟାନ ବିଭାଗ, ୪ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ବନ ବିଭାଗ, କୃଷି ବିଭାଗ ଓ ଜଳ ବିଭାଜିକା ପ୍ରକଳ୍ପ ଏବଂ ଜିଲାର ଅନ୍ୟାନ୍ୟ ବିଭାଗଗୁଡ଼ିକ ଦ୍ୱାରା ସମ୍ପାଦନ ହେଉଥିବା ଚାରାରୋପଣ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ପରିଲକ୍ଷିତ ହୋଇଛି। ଜିଲାର ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ଜ୍ଞାତସାରରେ ଏହି ଦୁର୍ନୀତି ଚାଲୁ ରହିଛି ବୋଲି ଭଞ୍ଜସେନା ପକ୍ଷରୁ ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି।

## ନାବାଳିକା ଅପହରଣକାରୀ କୋର୍ଟଚାଲାଣ

ସୋର, ୧୦।୫(ଡି.ଏନ୍.ଏ.)

ସୋର ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସାହାସପୁରା ଗ୍ରାମର ରାଜେନ୍ଦ୍ର ନାୟକ ଗତ ମାସ ୨୧ ତାରିଖରେ ନାବାଳିକାଙ୍କୁ ଅପହରଣ କରି ହାତୀବାରି ଅଞ୍ଚଳରେ ଲୁଚାଇ ରଖିଥିଲେ। ସୋର ପୋଲିସ ମାମଲା(ନଂ. ୧୭୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରଥିଲା। ପୋଲିସ ହାତୀବାରୀରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିବା ସମୟରେ ରାଜେନ୍ଦ୍ର ଫେରାର ହୋଇଯାଇଥିଲେ।

# ବିଦ୍ୟୁତ୍ କର୍ମଚାରୀଙ୍କୁ କୋଭିଡ୍ ଯୋଦ୍ଧା ଘୋଷଣା ଦାବି

କେନ୍ଦୁଝର, ୧୦।୫(ସ୍ୱ.ପ୍ର./ଡି.ଏନ.ଏ.)

ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନର କାର୍ଯ୍ୟକାରୀ ସଭାପତି ଜଗଦୀଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତାରେ ଟାଟା ପାୱାର ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ କମ୍ପାନୀ ଅଧୀନରେ ୫ଟି ଜିଲାର ନେତୃତ୍ୱଙ୍କୁ ନେଇ ଏକ ଜରୁରୀ କାଳୀନ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଥିଲା। ନେସ୍କୋ ପାୱାର ଏମ୍ପ୍ଲୋଇଜ ୟୁନିୟନର ସାଧାରଣ ସମ୍ପାଦକ ତାରାକାନ୍ତ ପଟ୍ଟନାୟକ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଦିନ ନିଜ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଥିବା ବିଦ୍ୟୁତ୍ ବିଭାଗର କର୍ମଚାରୀଙ୍କ ବିଷୟରେ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର କେନ୍ଦୁଝର ଜିଲାପାଳଙ୍କ ଜରିଆରେ ଦେବାପାଇଁ ନିଷ୍ପତ୍ତି ନିଆଗଲା। ସଂଘ ତରଫରୁ ଉକ୍ତ କର୍ମଚାରୀଙ୍କୁ କୋଭିଡ ଯୋଦ୍ଧା ଭାବେ ଘୋଷଣା କରିବାକୁ ଦାବି ହୋଇଛି। ଏହି ବୈଠକରେ ଡେପୁଟି ଜେନେରାଲ ସେକ୍ରେଟାରୀ ଜ୍ୟୋତିକୃଷ୍ଣ ବେହେରା, ଉପସଭାପତି ଆର୍ତ୍ତବନ୍ଧୁ ବିଶ୍ୱାଳ, ସହସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଚୌଧୁରୀ, ସୁରେନ୍ଦ୍ର କୁମାର ପାଣିଗ୍ରାହୀ, ଯୋଗେଶ ଚନ୍ଦ୍ର ଅଗସ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ଗୋକୁଳପୁର-ଧାମରା ଡିଫେନ୍ସ ରୋଡ୍ ଫାଟି ଆଁ

ପଦ୍ମପୁର,୧୦।୫(ଡି.ଏନ.ଏ.)



**■ମେଘା ପ୍ରକଳ୍ପରେ ମାଟି ଖୋଳି ବିଛାଯାଇଛି ପାଇପ୍**

**■ଧସିଗଲାଣି ପିଚୁ, ମରାମତି ଦାବି**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ଗୋକୁଳପୁର-ଧାମରା ଡିଫେନ୍ସ ରୋଡ୍ ଫାଟି ଆଁ କରିଛି। ରାସ୍ତାର ବିଭିନ୍ନ ଜାଗାରେ ପାଣି ଜମି ରହିଛି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅନ୍ତର୍ଗତ ଏହି ରାସ୍ତାର ଦୈର୍ଘ୍ୟ ୫ କି.ମି. ହୋଇଥିବା ବେଳେ ନାୟକାଣିଡିହୀରୁ ପ୍ରତ୍ୟେହ ଶହ ଶହ ଗାଡ଼ି ଯାତାୟାତ କରୁଛି। ମେଘା ପ୍ରକଳ୍ପରେ ଏହି ରାସ୍ତାପାର୍ଶ୍ୱ ମାଟି ଖୋଳି ପାଇପ୍ ବିଛାଯାଇଛି। ହେଲେ ପରେ ଏହି ଖାଲକୁ ଠିକ୍ ଭାବେ ପୋତାଯାଇ ନ ଥିବାରୁ ରାସ୍ତାର ବିଭିନ୍ନ ସ୍ଥାନରେ ପିଚୁ ଧସିଯାଇ ଗଳି ପଡ଼ିଛି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମବାସୀଙ୍କ ପକ୍ଷରୁ ସତ୍ୟ ବାରିକ, ଗୋଲକ ପାଣ୍ଡବ, ହୃଷି ଜେନା, ନିରାକାର ସାହୁ ପ୍ରମୁଖ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତୁରନ୍ତ ସମସ୍ୟା ପ୍ରତି ଦୃଷ୍ଟି ଦେଇ ରାସ୍ତା ମରାମତି କରା ନ ଗଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗର କନିଷ୍ଠ ଯନ୍ତ୍ରୀ ଭରତ ଚନ୍ଦ୍ର ସାହୁଙ୍କୁ ପଚାରିବାରୁ କ୍ଷେତ୍ର ପରିଦର୍ଶନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଏନ୍‌ଏଚ୍‌ରେ ଜମୁଛି ପାଣି

କେନ୍ଦୁଝର, ୧୦।୫ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ମୁଖ୍ୟାଳୟରେ ଡ୍ରେନେଜ ବ୍ୟବସ୍ଥା ସୁଦୃଢ ନ ଥିବାରୁ ରାସ୍ତାରେ ପାଣି ଜମୁଛି। ଫଳରେ ଲୋକେ ଯାତାୟାତରେ ସମସ୍ୟା ଭୋଗୁଥିବା ବେଳେ ରାସ୍ତା ନଷ୍ଟ ହେଉଛି। ଏନେଇ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନେଉ ନ ଥିବାରୁ ବର୍ଷା ଦିନରେ ପରିସ୍ଥିତି ଗୁରୁତର ହୋଇପଡୁଛି। ଏପରିକି କେନ୍ଦୁଝର ସହରେ ଦେଇ ଯାଇଥିବା ମୁମ୍ବାଇ-କଲିକତା ଏନ୍‌ଏଚ୍ ୪୯ରେ ବର୍ଷା ପାଣି ନିଷ୍କାସିତ ହୋଇ ନ ପାରି ରାସ୍ତାରେ ଜମା ହୋଇରହୁଛି। ଏହା ଅନେକ ସମୟରେ ଦୁର୍ଘଟଣାର କାରଣ ହେଉଛି । ଏସବୁ ଜିଲା ମୁଖ୍ୟାଳୟରେ ଥିବା ବିଭିନ୍ନ ବିଭାଗର ମୁଖ୍ୟ ଯାତାୟାତ ପଥ ହୋଇଥିଲେ ହେଁ କାହାର ନଜର ପଡୁ ନ ଥିବାରୁ ଅସନ୍ତୋଷ ବଢୁଛି।

# ରାଶନ ସାମଗ୍ରୀ ଘରେ ପହଞ୍ଚାଇବାକୁ ଦାବି

ବାଲେଶ୍ୱର ଅଫିସ, ୧୦।୫

ମହାମାରୀ କରୋନା ସାରା ରାଜ୍ୟରେ ତାର କାୟା ବିସ୍ତାର କରିବାରେ ଲାଗିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ବଣ୍ଟାଯାଉଥିବା ରାଶନ ସାମଗ୍ରୀ ବିତରଣ କେନ୍ଦ୍ରରେ ଭିଡ଼ ଦେଖାଦେଉଛି। ଫଳରେ ସଂକ୍ରମଣ ଅଧିକ ବ୍ୟାପିବାର ଆଶଙ୍କା ବଢ଼ିଛି। ରାଶନ ସାମଗ୍ରୀକୁ ଘରେ ଘରେ ପହଞ୍ଚାଇବା ପାଇଁ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପ-ସଭାପତି ମାନସ କୁମାର ଦତ୍ତ ସୋମବାର ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିକଟରେ ଦାବି କରିଛନ୍ତି।

ଏହି ମହାବିପତ୍ତି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗରିବ ଲୋକଙ୍କୁ ମାଗଣା ରାଶନ ପ୍ରଦାନ କରୁଛନ୍ତି। କେନ୍ଦ୍ର ସରକାର ଯେତିକି ରାଶନ ପ୍ରଦାନ କରୁଛନ୍ତି ତାହା ଠିକ୍ ଭାବେ ଲୋକଙ୍କ ପାଖରେ ପହଞ୍ଚିପାରୁନାହିଁ। ଅନ୍ୟପକ୍ଷରେ ମାଗଣା ରାଶନ ସାମଗ୍ରୀରୁ ଉପଭୋକ୍ତାଙ୍କଠାରୁ କାଟି କରି ଡିଲରମାନେ ପ୍ରଦାନ କରିବା ଅତ୍ୟନ୍ତ ଦୁଃଖଦାୟକ। ସଦର ଭାଜପାର ଏକ ଟିମ୍ କେତେକ ରାଶନ ସାମଗ୍ରୀ ବିତରଣ କେନ୍ଦ୍ରରେ ପହଞ୍ଚି ତଦାରଖ କରିଥିଲେ। ଗରିବ ଲୋକଙ୍କ ରାଶନ ସାମଗ୍ରୀକୁ ଠିକ୍ ଭାବେ ପ୍ରଦାନ କରିବା ସହ ସରକାରଙ୍କ ବିନା ଅନୁମତିରେ ଲୋକଙ୍କ ରାଶନ କାଟିବା ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ, ସୀତାକାନ୍ତ ସ୍ୱାଇଁ, ପର୍ଶୁରାମ ବେହେରା, ସୁଜିତ ଦେବ, ଉପେନ୍ଦ୍ର ଶତପଥୀ, ସତ୍ୟଜିତ ମିଶ୍ର, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ଶଶିସେଖର ମହାନ୍ତି, ମାଧବାନନ୍ଦ ସାହୁ, ବିକାଶ ପାଢ଼ୀ, ଧୀରଜ ମହାନ୍ତି, ଭାଗ୍ୟରଞ୍ଜନ ନାୟକ, ସଦର ଭାଜପା ମିଡିଆ ସଂଯୋଜକ ଅରୁପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଏନେଇ ଜିଲା ଯୋଗାଣ ବିଭାଗ ଅଧିକାରୀ ପ୍ରଦ୍ୟୁମ୍ନ ରାଉତରାୟ କହନ୍ତି, ଚଳିତମାସ ମୋଟ୍ ଗହମ ୧୯ହଜାର କୁଇଣ୍ଟାଲରୁ ୭ହଜାର କୁଇଣ୍ଟାଲ ଉଠାଯାଇ ପାରି ନ ଥିବାରୁ ଉପଭୋକ୍ତାମାନଙ୍କୁ ମାତ୍ର ୩୩ ପ୍ରତିଶତ କମ୍ ଦିଆଯାଉଛି। ଏହି ଗହମ ଆସିଲେ ସେମାନଙ୍କୁ ଆସନ୍ତା ମାସରେ ଦିଆଯିବ। କିନ୍ତୁ ଅନ୍ୟାନ୍ୟ ସାମଗ୍ରୀ ଠିକ୍ ଭାବେ ପ୍ରଦାନ କରାଯାଉଛି। କୌଣସି ବିତରଣ କେନ୍ଦ୍ରରେ ଅନିୟମିତତା ହେଉଥିବା ଜଣାପଡ଼ିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

